# ସୂଚନାର ସ୍ୱାଧୀନତା ଆଇନ୍ ଓ ସମ୍ବିଧାନରେ ଥିବା ଗୋପନୀୟତାର ଶପଥ ବ୍ୟବସ୍ଥା

ଇତିମଧ୍ୟରେ ପାର୍ଲାମେଣ୍ଟର ଉଭୟ ଗୃହରେ ସୂଚନାର ସ୍ୱାଧୀନତା ବିଲ୍ **(Freedom of Information Bill)** ଗୃହୀତ ହୋଇ ରଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଛି ଏବଂ ଯେକୌଣସି ଦିନ ଏହା ଆଇନ୍ ରେ ପରିଣତ ହୋଇଯାଇପାରେ । ଏହା ଛଡା ତାମିଲ୍‌ନାଡୁ (୧୯୯୭), ଗୋଆ (୧୯୯୭), ମହାରାଷ୍ଟ୍ର ( ୨୦୦୦), ରାଜସ୍ଥାନ (୨୦୦୦), କର୍ଣ୍ଣାଟକ (୨୦୦୦), ଓ ଦିଲ୍ଲୀ (୨୦୦୨)ରେ ଏହାର ଅନୁରୁପ ସୂଚନାପ୍ରାପ୍ତିର ଅଧିକାର ଆଇନ୍**(Right to Information Act)** କାର୍ଯ୍ୟକାରୀ ହୋଇସାରିଛି । ପୁଣି ମଧ୍ୟ ପ୍ରଦେଶରେ ଏହି ମର୍ମରେ ଏକ ବିଧେୟକ ୧୯୯୮ ରୁ ରାଜ୍ୟର ଉଭୟ ଗୃହରେ ଗୃହୀତ ହୋଇଥିଲେ ହେଁ ପୂର୍ବତନ ରାଷ୍ଟ୍ରପତିଙ୍କ ଅନୁମୋଦନ ଅଭାବରୁ ତ୍ରିଶଙ୍କୁ ଅବସ୍ଥାରେ ପଡିରହିଛି । ଆସାମ ବିଧାନସଭାରେ ୨୦୦୧ ଅକ୍ଟୋବରରୁ ଏହିଭଳି ଏକ ବିଧେୟକ ଉପସ୍ଥାପିତ ହୋଇ ଆଲୋଚନାସାପେକ୍ଷ ଅବସ୍ଥାରେ ପଡିରହିଛି । ସର୍ବୋପରି ଓଡିଶାରେ ୨୦୦୨ ମଧ୍ୟଭାଗରୁ ଏଭଳି ଏକ ବିଧେୟକକୁ ଆଇନ୍‌ରେ ପରିଣତ କରିବାର ଉଦ୍ୟମ ରାଜ୍ୟ ସରକାରଙ୍କ ତରଫରୁ ଅବ୍ୟାହତ ରହିଛି । ଏହିକ୍ରମରେ ନିକଟ ଭବିଷ୍ୟତରେ ଦେଶର ସବୁ ରାଜ୍ୟରେ ହୁଏତ୍ ସୂଚନାର ସ୍ୱାଧୀନତା ବା ସୂଚନାପ୍ରାପ୍ତିର ଅଧିକାର ଆଇନ୍ ଲାଗୁ ହୋଇଯିବ । କିନ୍ତୁ ପ୍ରଶ୍ନ ଉଠୁଛି, ପ୍ରଶାସନକୁ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବାପାଇଁ ଉଦ୍ଦିଷ୍ଟ ଏହି ଆଇନ୍‌ଗୁଡିକର ମୂଳ ଉଦ୍ଦେଶ୍ୟ କେତେଦୂର କାର୍ଯ୍ୟକାରୀ ହୋଇପାରିବ ?

## ସୂଚନାର ସ୍ୱାଧୀନତା ବିଲ୍‌ରେ ସଂପୃକ୍ତ ସରକାରୀ ଓ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସଂଜ୍ଞା

କେନ୍ଦ୍ରୀୟ ସୂଚନାର ସ୍ୱାଧୀନତା ବିଲ୍‌ରେ କେଉଁ ସରକାରୀ ଓ କ୍ଷମତାପ୍ରାପ୍ତ ଅଧିକାରୀମାନଙ୍କ **(Competent Authorities)** ଠାରୁ ଜଣେ ସାଧାରଣ ନାଗରିକ ସୂଚନା ପାଇଁ ଆବେଦନ କରି ତାହା ପାଇପାରିବେ, ସେ ସମ୍ବନ୍ଧରେ ଧାରା-୨କ ଓ ଖ **( Section- 2 a & b)** ରେ ଉଲ୍ଲେଖ ଅଛି । ଧାରା ୨-କ ରେ ସଂପୃକ୍ତ ସରକାରୀ ସଂସ୍ଥା**(Appropriate Government)** ବୋଇଲେ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ, ଗଠିତ, ବା ମାଲିକାନାରେ ଥିବା, କିମ୍ବା ପତ୍ୟକ୍ଷ ବା ପରୋକ୍ଷଭାବେ ଆର୍ଥିକ ସହାୟତା ପ୍ରାପ୍ତ ନତୁବା ପରିଚାଳିତ ଯେ କୌଣସି ସର୍ବସାଧାରଣ କର୍ତ୍ତୃପକ୍ଷ **(Public Authority)**ଙ୍କୁ ବୁଝାଯିବ । ଧାରା-୨ ଖ ରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସଂଜ୍ଞା ସମ୍ବନ୍ଧରେ କୁହାଯାଇଛି ଯେ, **"Competent Authority" means- (i) the speaker of the House of the people or the Legislative Assembly and the Chairman in the case of the Council of States or the Legislative Council; (ii ) the Chief Justice of India in the case of the Supreme Court; (iii) the Chief justice of the High Court in the case of a High Court; (iv) the President or the Governor as the case may be in the case of other authorities created by or under the Constitution"**

ସୁତରାଂ ଏଥିରୁ ସ୍ପଷ୍ଟ ଯେ, ପ୍ରସ୍ତାବିତ ଆଇନ୍ ଅନୁଯାୟୀ ସମ୍ବିଧାନଦ୍ୱାରା ଓ ଅଧିନରେ ସୃଷ୍ଟ ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ସ୍ତରରେ କାର୍ଯ୍ୟରତ ଥିବା ସମସ୍ତ ସର୍ବସାଧାରଣ କର୍ତ୍ତୃପକ୍ଷ ତଥା ଉଭୟ କେନ୍ଦ୍ର ଓ ରାଜ୍ୟସ୍ତରରେ ବାଚସ୍ପତି, ମୁଖ୍ୟ ବିଚାରପତି, ରାଷ୍ଟ୍ରପତି ଓ ରାଜ୍ୟପାଳ ସୂଚନାର ସ୍ୱାଧିନତା ଆଇନ୍‌ର ପରିସରଭୁକ୍ତ ହୋଇ ରହିବେ ଏବଂ ସାଧାରଣ ନାଗରିକଙ୍କୁ ସୂଚନା ପ୍ରଦାନ ପାଇଁ ଉତ୍ତରଦାୟୀ ରହିବେ । କାଳେ ପୂର୍ବରୁ ପ୍ରଚଳିତ ଔପନିବେଶିକ ଆଇନ୍‌ଗୁଡିକ ଯୋଗୁଁ ମୁକ୍ତ ଭାବେ ସୂଚନା-ପ୍ରଦାନରେ ବାଧା ଉପୁଜିବ, ସେଥିପାଇଁ ଏହାର ଧାରା-୧୪ ରେ କୁହାଯାଇଛି ଯେ, **14. The Official Secrets Act, 1923 and every other Act in force shall cease to be operative to the extent to which they are inconsistent with the provisions of this Act.** ଅର୍ଥାତ୍ ସୂଚନାର ସ୍ୱାଧୀନତା ଆଇନ୍‌ରେ ଥିବା ବ୍ୟବସ୍ଥାଗୁଡିକ ସହିତ ଅସଙ୍ଗତ ହେଉଥିବା ସରକାରୀ ଗୋପନୀୟତା ଆଇନ୍ ୧୯୨୩ ବା ଅନ୍ୟ କୌଣସି ଆଇନ୍‌ର ବିଧିବ୍ୟବସ୍ଥାଗୁଡିକ ଆପେ ଆପେ ଅକାମି ହୋଇଯିବ ।

## ସୂଚନାର ସ୍ୱାଧୀନତାର ମୂଳ ବାଧା ସମ୍ବିଧାନର ତୃତୀୟ ଅନୁସୂଚୀ

କିନ୍ତୁ ଧାରା ୧୪ ରେ ଅନ୍ୟସମସ୍ତ ଆଇନ୍‌ର ବିଧିବ୍ୟବସ୍ଥା ସହ ଅସଙ୍ଗତି କଥା କୁହାଯାଇଛି, ଏବଂ ନିଶ୍ଚିତ ରୂପେ ସମ୍ବିଧାନର ବିଧିବ୍ୟବସ୍ଥା ସହ ଅସଙ୍ଗତି କଥା କୁହାଯାଇନି । ଏହା ସର୍ବବିଦିତ ଯେ ସମ୍ବିଧାନ ହେଉଛି ଏକ ଦେଶର ମୂଳ ଆଇନ୍ ଓ ଅନ୍ୟ ସମସ୍ତ ଆଇନ୍ କାନୁନ୍‌ଗୁଡିକର ମୂଳ ଉତ୍ସ ଏବଂ ସେହି କାରଣରୁ ସେଗୁଡିକର ଉର୍ଦ୍ଧ୍ୱରେ । ବର୍ତ୍ତମାନ ଦେଖାଯାଉ, ସମ୍ବିଧାନରେ ସୂଚନାର ସ୍ୱାଧୀନତା ସମ୍ବନ୍ଧରେ କଣ ବ୍ୟବସ୍ଥା ରହିଛି ? ଏହାର ତୃତୀୟ ଅନୁସୂଚୀ **(Third Schedule)**ରେ ଉଭୟ ପଦ ଓ ଗୋପନୀୟତାର ଶପଥପତ୍ର **(Forms of Oaths of Office and of Secrecy)**ର ନମୁନା ଦିଆଯାଇଛି । ସ୍ୱାଧୀନ ଭାରତର ଜଣେ ରାଷ୍ଟ୍ରପତି, ରାଜ୍ୟପାଳ, ବାଚସ୍ପତି, ମନ୍ତ୍ରୀ ଓ ବିଚାରପତିଙ୍କ ସମେତ ସମସ୍ତ ସାମ୍ବିଧାନିକ କର୍ତ୍ତୃପକ୍ଷମାନେ ଯେଉଁ ଗୋପନୀୟତାର ଶପଥ ନେଇଥାନ୍ତି, ତହିଁର ଏକ ନମୂନା ହେଲା- **"I …. swear in the name of God/solemnly affirm that I will not directly or indirectly communicate or reveal to any person or persons any matter which shall be brought under my considertion or shall become known to me as a Minister….. except as may be required for the due discharge of duties as such**

**Minister.”** ଅର୍ଥାତ୍, ମୁଁ ------ ଭଗବାନ୍‌ଙ୍କ ନାମରେ/ନିଷ୍ଠାର ସହ ଶପଥ କରୁଛି ଯେ ମୁଁ ଜଣେ ମନ୍ତ୍ରୀରୂପେ ଯଥାରୀତି କର୍ତ୍ତବ୍ୟ ସମ୍ପାଦନରେ ଆବଶ୍ୟକ ପଡୁଥିବା କ୍ଷେତ୍ରକୁ ବାଦ୍ ଦେଲେ, ମନ୍ତ୍ରୀରୂପେ ମୋ ସାମନାକୁ ବିଚାର ହେବାପାଇଁ ଆସୁଥିବା କୌଣସି ପ୍ରସଙ୍ଗ ବ୍ୟାପାରରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କୌଣସି ବ୍ୟକ୍ତିକୁ କିଛି ଜଣାଇବି ନାହିଁ ।

ସମସ୍ତେ ଜାଣନ୍ତି ଯେ, ଭାରତ ଭଳି ଏକ ପାର୍ଲାମେଣ୍ଟାରୀ ଗଣତନ୍ତ୍ରରେ ପ୍ରତି ପ୍ରଶାସନିକ ବିଭାଗ ଜଣେ ଜଣେ ମନ୍ତ୍ରୀଙ୍କ ଦାୟିତ୍ୱରେ ଥାଏ । ପ୍ରତି ବିଭାଗର ମୁଖ୍ୟ କାର୍ଯ୍ୟନିର୍ବାହୀ ରୂପେ ଜଣେ ଜଣେ ସଚିବ ନିଯୁକ୍ତ ହୋଇଥିଲେହେଁ କୌଣସି ବିଭାଗୀୟ ବ୍ୟାପାରରେ ମନ୍ତ୍ରୀଙ୍କ ଆଦେଶ ଉଲ୍ଲଂଘନ କରିବା ଭଳି କାର୍ଯ୍ୟ କରିପାରିବେ ନାହିଁ । କାରଣ ପ୍ରତି ବିଭାଗର ଯେ କୌଣସି କାର୍ଯ୍ୟ ପାଇଁ ସେହି ବିଭାଗର ମନ୍ତ୍ରୀହିଁ ବିଧାନସଭା ବା ଲୋକସଭା ଭଳି ନିର୍ବାଚିତ ସଦସ୍ୟଙ୍କ ଗୃହରେ ଉତ୍ତରଦାୟୀ ଥାନ୍ତି । ସୁତରାଂ ଖୋଦ୍ ମନ୍ତ୍ରୀ ଯେତେବେଳେ ଦେଶର ସର୍ବୋଚ୍ଚ ନ୍ୟାୟଗ୍ରନ୍ଥ ସମ୍ବିଧାନ ଅନୁଯାୟୀ ଉପରୋକ୍ତ ଗୋପନୀୟତାର ଶପଥ ନେଉଛନ୍ତି, ସେତେବେଳେ ତାଙ୍କ ବିଭାଗର ଆଉ କୌଣସି ପଦାଧିକାରୀଙ୍କୁ କୌଣସି ବିଶେଷ ଆଇନ୍ ବଳରେ ସାଧାରଣ ନାଗରିକଙ୍କୁ ସୂଚନା ପ୍ରଦାନ ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ ।

ସେହିପରି ଆମର ସାମ୍ବିଧାନିକ ବ୍ୟବସ୍ଥାରେ ରାଷ୍ଟ୍ରପତି ଓ ରାଜ୍ୟପାଳ ହେଉଛନ୍ତି ଯଥାକ୍ରମେ କେନ୍ଦ୍ର ଓ ରାଜ୍ୟ ପ୍ରଶାସନର ମୁଖ୍ୟ । ବାଚସ୍ପତି ନିର୍ବାଚିତ ସଦସ୍ୟମାନଙ୍କର ଗୃହମୁଖ୍ୟ । ଏବଂ ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟର ପ୍ରଧାନ ବିଚାରପତି ହେଉଛନ୍ତି ଯଥାକ୍ରମେ କେନ୍ଦ୍ର ଓ ରାଜ୍ୟ ବିଚାର ବ୍ୟବସ୍ଥାର ମୁଖ୍ୟ । ସୁତରାଂ ଶାସନକଳର ତିନି ବିଭାଗ (ପ୍ରଶାସନ, ଆଇନ୍ ପ୍ରଣୟନ ସଭା ଓ ବିଚାର ବିଭାଗ)ର ମୁଖ୍ୟ ଯେତେବେଳେ ସମ୍ବିଧାନର ତାଗିଦ୍‌ରେ ଗୋପନୀୟତାର ଶପଥ ନେଉଛନ୍ତି, ସେତେବେଳେ ସେମାନଙ୍କର ଅଧିନସ୍ଥ ଅଧିକାରୀମାନଙ୍କ ଠାରୁ ଆମେ ସୂଚନାର ମୁକ୍ତ ବିତରଣ ଆଶା କରିବା ବୃଥା । ସୁତରାଂ ଭାରତୀୟ ସମ୍ବିଧାନର ତୃତୀୟ ଅନୁସୂଚୀରେ ଥିବା ଗୋପନୀୟତାର ଶପଥ ବ୍ୟବସ୍ଥାର ଉଚ୍ଛେଦ ନହେବା ଯାଏ, ସୂଚନାର ସ୍ୱାଧୀନତା ବା ସୂଚନାପ୍ରାପ୍ତିର ଅଧିକାର ନାଁରେ ଯେତେଯାହା ଆଇନ୍ ପ୍ରଣୟନ ହେଉନା କାହିଁକି, ସେଗୁଡିକ ଅତୀତର ବହୁ ତଥାକଥିତ ପ୍ରଗତିଶୀଳ ଆଇନ୍ ଭଳି କେବଳ କାଗଜକଲମରେ ଅଟକି ଯିବାକୁ ବାଧ୍ୟ ।

## ଗୋପନୀୟତାର ଶପଥ, ଏକ ଔପନିବେଶିକ ବ୍ୟବସ୍ଥା

ଏକ ବିଡମ୍ବନାର ବିଷୟ ଏହିକି ଯେ, ପୃଥିବୀର କୌଣସି ଗଣତାନ୍ତ୍ରିକ ସମ୍ବିଧାନରେ ଗୋପନୀୟତାର ଶପଥ ବ୍ୟବସ୍ଥା ନଥିବାବେଳେ ସର୍ବବୃହତ ଗଣତନ୍ତ୍ର ବୋଲାଉଥିବା ଭାରତର ସମ୍ବିଧାନରେ ଏହା ରହିଯାଇଛି । ଅସଲ କଥା ହେଉଛି, ଇଂରେଜମାନଙ୍କ ଦ୍ୱାରା ପ୍ରସ୍ତୁତ ଭାରତ ସରକାର ଆଇନ୍ ୧୯୩୫କୁ ବହୁଳଭାବେ ନକଲ କରାଯାଇ ବର୍ତ୍ତମାନର ସଂବିଧାନ ଗଢାଯାଇଛି । ସେହି ଆଇନ୍‌ର ଗୋଟିଏ ଅନୁସୂଚୀରେ ଠିକ୍ ଏକା ଭାଷାରେ ଏହି ଗୋପନୀୟତା ଶପଥ ଉଲ୍ଲେଖ ଥିଲା । କିନ୍ତୁ ବିସ୍ମୟର କଥା, ୧୯୪୬-୫୦ରେ ସମ୍ବିଧାନ-ସଭାର ଆଲୋଚନା ଅଧିବେଶନ କାଳରେ କେହି ସଭ୍ୟ ଏହା ଉପରେ ଆଲୋଚନା ଦାବୀ କରିନାହାନ୍ତି, କିମ୍ବା ସମ୍ବଧାନ ଘୋଷଣାର ଗତ ୫୩ ବର୍ଷ ମଧ୍ୟରେ ଦେଶର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟର ରାଷ୍ଟ୍ରମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଏ ପ୍ରକାର ଜନବିରୋଧି ଶପଥ ନେବାକୁ ଆପତ୍ତି କରିନାହାନ୍ତି ।

## ଗୋପନୀୟତାର ଶପଥ ବଦଳରେ ସ୍ୱଚ୍ଛତାର ଶପଥ

କିନ୍ତୁ ଆଶ୍ୱାସନାର ବିଷୟ, ବହୁ ବର୍ଷ ପରେ ହେଲେ ବି ଏବେ ନିକଟରେ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ସମ୍ବିଧାନର କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନ୍ ( **National Commission to Review the Working of the Constitution**) ଗତ ୩୧ ମାର୍ଚ୍ଚ ୨୦୦୨ରେ ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ତାଙ୍କର ସୁଦୀର୍ଘ ରିପୋର୍ଟରେ ସୂଚନାର ଅଧିକାରକୁ ସମ୍ବିଧାନର ଏକ ମୌଳିକ ଅଧିକାର ରୂପେ ଗ୍ରହଣ କରାଯାଉ ବୋଲି ସୁପାରିଶ୍ ସହ ନିମ୍ନୋକ୍ତ ମନ୍ତବ୍ୟ ଦେଇଛନ୍ତି –

**The traditional insistence on secrecy should be discarded. In fact, we should have an oath of transparency in place of an oath of secrecy. ( Para 6.10 of Volume 1).**

ଅର୍ଥାତ୍ , ଗୋପନୀୟତା ଉପରେ ଆମେ ଦେଇ ଆସୁଥିବା ପ୍ରାଧାନ୍ୟ ବର୍ଜ୍ଜନୀୟ । ବସ୍ତୁତଃ ଗୋପନୀୟତାର ଶପଥ ବଦଳରେ ସ୍ୱଚ୍ଛତାର ଶପଥ ବ୍ୟବସ୍ଥା ବାଂଛନୀୟ ( ଅନୁଚ୍ଛେଦ ୬-୧୦, ପ୍ରଥମ ଖଣ୍ଡ ) । ସୁତରାଂ ବର୍ତ୍ତମାନ ଏହା ସାଂସଦ ଓ ବିଧାୟକ ମାନଙ୍କ ଉପରେ ନିର୍ଭର କରେ, ସୂଚନାର ଅଧିକାରକୁ ସମ୍ବିଧାନର ମୌଳିକ ଅଧିକାର କରିବା ସହିତ ସମ୍ବିଧାନର ୩ୟ ଅନୁସୂଚୀରୁ କିପରି ଗୋପନୀୟତାର ଶପଥ ବ୍ୟବସ୍ଥା ଉଚ୍ଛେଦ କରି ତା ସ୍ଥାନରେ ସ୍ୱଚ୍ଛତାର ଶପଥ ବ୍ୟବସ୍ଥା ରଖାଯାଇପାରିବ ।

**Chitta Ranjan Behera, MA LLB, Jubilee Tower, Choudhury Bazar, Cuttack-9 Tel: 0671-2623518, Year- 2002**